# ରାୟଗଡ଼ା ଜିଲ୍ଲା ସଂଗଠନ ଉପରେ ଭାଜପାର ଫୋକସ୍

**ରାୟଗଡ଼ା,୬।୩(ଆଶିଷ ରଞ୍ଜନ ପଣ୍ଡା)**

**■ ଜିଲ୍ଲା କାର୍ଯ୍ୟାଳୟରେ ହେବ ଜୋନାଲସ୍ତରୀୟ ପ୍ରଶିକ୍ଷଣ ଶିବିର**
**■ ଶିବିରରେ ଯୋଗଦେବେ ୮ ସାଙ୍ଗଠନିକ ଜିଲ୍ଲା**

ରାଜନୈତିକ ଦୃଷ୍ଟିକୋଣରୁ ଭାଜପାକୁ ରାୟଗଡ଼ା ଜିଲାରେ ସଂଗଠିତ କରି ମଜଭୁତ କରିବା ପାଇଁ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଗ୍ରାମାଞ୍ଚଳସ୍ତରରେ ଭାଜପାକୁ ସୁଦୃଢ଼ କରିବା ପାଇଁ ଜିଲାରେ ବିଭିନ୍ନ ସାଂଗଠନିକ ପଦକ୍ଷେପ ଗ୍ରହଣ କରୁଛି ରାଜ୍ୟ ଭାଜପା । ଶନିବାର ରାୟଗଡ଼ା ଜିଲାରେ ଜୋନାଲସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜନ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ଜିଲାରେ ନେତା ଓ ଜିଲା କମିଟି ଦଳକୁ ସୁଦୃଢ଼ କରିବା ପାଇଁ ସୁବିଧା ହେବ ବୋଲି କର୍ମୀ ମହଲରେ ଆଲୋଚନା ଚାଲିଛି। ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ -୨୦୨୬ର ସଂଯୋଜକ ତଥା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କ ସଂଯୋଜନାରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ସାଧାରଣ ସମ୍ପାଦକ ସାରଦା ଶତପଥୀ ପ୍ରମୁଖ ଦାୟିତ୍ୱରେ ରହି ପରିଚାଳନାରେ ସହଯୋଗ କରିବେ ବୋଲି ସୂଚନା ମିଳିଛି । କାର୍ଯ୍ୟକ୍ରମରେ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ସମେତ ଗଜପତି, ଗଞ୍ଜାମ, ଘୁମୁସୁର ଓ ଆସିକା ସାଂଗଠନିକ ଜିଲାର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ନେତା ଯୋଗଦେଇ ପ୍ରଶିକ୍ଷଣ ନେବେ। ପ୍ରାୟ ୨୪୦ଜଣ ଏଥିରେ ଯୋଗଦେବେ ବୋଲି ଜଣାପଡ଼ିଛି ।

ଏହି ପ୍ରଶିକ୍ଷଣ ଶିବିରରେ ବୈଚାରିକ ପୃଷ୍ଠଭୂମି, ଇତିହାସ ଏବଂ ବିକାଶ, କାର୍ଯ୍ୟବିସ୍ତାର ପାଇଁ ଆମର ଦୃଷ୍ଟିକୋଣ, କାର୍ଯ୍ୟ ପଦ୍ଧତି, ନିଜ ସରକାରଙ୍କ ସଫଳତା ଏବଂ କାର୍ଯ୍ୟାନ୍ୱୟନ(ଉପେକ୍ଷିତ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ଯୋଡ଼ିବା), ସୋସିଆଲ ମିଡିଆ, ଏଆଇ, ନମୋ ଆପ୍ ଓ ସରଳ ଆପ୍ ସହିତ ବୁଥ୍ ପରିଚାଳନା ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିଭା ଅନ୍ୱେଷଣ ଉପରେ ପ୍ରଶିକ୍ଷଣ ଦିଆଯିବ ବୋଲି ଭାଜପା ନେତା ଶିବଶଙ୍କର ଉଲାକା ଓ କାଳୀରାମ ମାଝି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଭୂତି ଭୂଷଣ ଜେନାଙ୍କ ସମେତ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି । ରାଜ୍ୟରେ ଭାଜପା ସରକାର ଗଠନ ପରେ ଭାଜପା ଏମ୍‌ପି ପ୍ରାର୍ଥୀ କାଳୀରାମ ମାଝି, ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ବରିଷ୍ଠ ନେତା ଶିବଶଙ୍କର ଉଲାକାଙ୍କ ସମେତ ଜିଲା ସଭାପତି ଗୋପୀ ଆନନ୍ଦ, ପୂର୍ବତନ ସଭାପତି ଶିବ ପଟ୍ଟନାୟକ ଓ ଅନ୍ୟ ଯୁବ ଓ ଛାତ୍ର ନେତାମାନେ ବେଶ୍ ସକ୍ରିୟ ରହିଥିବା ଦେଖିବାକୁ ମିଳିଛି । ତେବେ ଆଗାମୀ ଦିନରେ ଭାଜପାର ଏଭଳି ପ୍ରୟାସ ଦଳକୁ କିଭଳି ସଂଗଠିତ କରୁଛି ତାହା ପଞ୍ଚାୟତ ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

# ଖୋଲିଲା ସାଇବର, ଅର୍ଥନୈତିକ ଅପରାଧ ଶାଖା


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳ, ଏସ୍‌ପିଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ।

**ରାୟଗଡା, ୬।୩ (ଆଶିଷ ରଞ୍ଜନ ପଣ୍ଡା)**

**ଭର୍ଚୁଆଲ ମୋଡ୍‌ରେ ଶୁଭାରମ୍ଭକଲେ ସ୍ୱରାଷ୍ଟ୍ର ମନ୍ତ୍ରୀ**

ରାୟଗଡ଼ା ସଦର ମହକୁମାସ୍ଥିତ ପୋଲିସ ଏସ୍‌ଡିପିଓ କାର୍ଯ୍ୟାଳୟ ପରିସରରେ ସାଇବର ଓ ଅର୍ଥନୈତିକ ଅପରାଧ ନିୟନ୍ତ୍ରଣ ଶାଖା ଏବଂ ରାମନାଗଡ଼ାରେ ନୂତନ ଥାନା ଗୃହ ଉଦ୍‌ଘାଟିତ ହୋଇଯାଇଛି । ଭୁବନେଶ୍ୱର ଇଡ୍‌କୋ ପଡ଼ିଆରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭର୍ଚୁଆଲ ମୋଡ୍‌ରେ ଏହାର ଶୁଭାରମ୍ଭ କରିଥିଲେ। ଜିଲାରେ ବଢୁଥିବା ସାଇବର ଅପରାଧର ନିୟନ୍ତ୍ରଣ ପାଇଁ ଏହା ବେଶ୍ ସହାୟକ ହେବ ବୋଲି ରାୟଗଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗଦେଇ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଏସ୍‌ପି ସ୍ୱାଥି ଏସ୍.କୁମାର, ୨ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାଏକ ଓ ନିହାର ରଞ୍ଜନ କହଁରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ । ପୋଲିସ ସୂଚନା ମୁତାବକ ଏହି ସାଇବର ଥାନାରେ ଜଣେ ଡିଏସ୍‌ପି ଦାୟିତ୍ୱରେ ରହିଥିବା ବେଳେ ତାଙ୍କ ଅଧୀନରେ ୫ଜଣ ଇନ୍‌ସ୍ପେକ୍ଟର ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାଇବର ଅପରାଧ ଉପରେ ନଜର ରଖିବା ସହିତ ଲୋକଙ୍କୁ ସହଯୋଗ କରିବେ ।

# ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଗୁଡ଼ାରି,୬।୩ (ପ୍ରମୋଦ କୁମାର ପତି)**

ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ଶବର ଯୋଗଦେଇ ଟିକାକରଣର ଶୁଭାରମ୍ଭକରିବା ସହ ପୋଷ୍ଟର ଉନ୍ମୋଚନ କରିଥିଲେ। ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ନିମନ୍ତେ ଏହି ଗୋଟିଏ ଟିକା ୧୪ରୁ ୧୫ ବର୍ଷର ଯୁବତୀଙ୍କୁ ପ୍ରଦାନ କରାଯିବ ଏବଂ ମହିଳାଙ୍କ ବିଭିନ୍ନ ପ୍ରକାର କର୍କଟ ରୋଗ ରୋକିବା ପାଇଁ ଏହି ଟିକା ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଯେଉଁ ଯୁବତୀମାନେ ଏହି ଟିକା ନେବେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ମେଡିକାଲ ଅଧିକାରୀ ସ୍ୱାଗତ ସ୍ୱାଇଁଙ୍କ କହିବାନୁଯାୟୀ ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପ୍ରାୟ ୬୦୦ ଜଣଙ୍କୁ ଏହି ଟିକା ପ୍ରଦାନ କରାଯିବା ନେଇ ସ୍ଥିରୀକୃତ ହୋଇଛି। ଟିକାକରଣ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ମେଡିକାଲ ଅଧିକାରୀ ଏହି ବର୍ଗର ଯୁବତୀଙ୍କ ଅଭିଭାବକଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ ଅନିତା ପାଣିଗ୍ରାହୀ, ପିଏଚ୍‌ଇଓ ରଶ୍ମିତା ମହାକୁଡ, ବିପିଏମ୍ ପ୍ରମୁଖ ଉପସ୍ଥିତ ଥିଲେ।


ଟିକାକରଣ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

# ସରକାରୀ ସ୍କୁଲକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଉପସ୍ଥିତ ଶିକ୍ଷା ବିଭାଗ ଅଧିକାରୀ।

**ରାୟଗଡ଼ା, ୬।୩(ଆଶିଷ ରଞ୍ଜନ ପଣ୍ଡା)**

**ରାୟଗଡ଼ା ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ**

ରାୟଗଡ଼ା ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ କରିଥିଲେ । ଦେଶରେ ସରକାରୀ ବିଦ୍ୟାଳୟଗୁଡିକୁ ଆଦର୍ଶ ବିଦ୍ୟାଳୟ ଭାବେ ବିକଶିତ କରି ଜାତୀୟ ଶିକ୍ଷାନୀତିକୁ ସଫଳ ରୂପାୟନ କରିବା, ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ସମାବେଶୀ ବିଦ୍ୟାଳୟ ପରିବେଶ ସୃଷ୍ଟି ଓ ଏକବିଂଶ ଶତାବ୍ଦୀ ଉପଯୋଗୀ କୌଶଳ ଶିକ୍ଷା ପ୍ରଦାନ ଏହାର ଲକ୍ଷ୍ୟ ଏବଂ ଏହାର ପୂରଣ ଦିଗରେ ସଭିଏଁ ତତ୍ପର ହେବା ନିମନ୍ତେ ଜିଲାପାଳ କହିଛନ୍ତି । ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନ ଲାଲ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବରେଣ୍ୟ ଅତିଥି ରୂପେ ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ଓ ସସ୍ମିତା ବେହେରା ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମରେ ଅଂଶ ଗ୍ରହଣ କରିବାର ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ୪୫ଟି ଷ୍ଟଲ ମାଧ୍ୟମରେ ଆକାଂକ୍ଷା ମେଳା, ଛାତ୍ର ପରିଷଦ, ଦୋକାନ ଯାତ୍ରା ସହ ବୃତ୍ତିଗତ ଶିକ୍ଷା, ଯାଦୁପେଡ଼ି,ପଢ଼ିବା- ଗଢ଼ିବା ଆଦି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀରେ ପ୍ରଦର୍ଶିତ ପ୍ରକଳ୍ପଗୁଡିକ ଶିକ୍ଷଣୀୟ ଓ ଚିତ୍ତାକର୍ଷକ ଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୧୧ଟି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ପ୍ରଥମ ପର୍ଯ୍ୟାୟରେ ପିଏମ୍‌ଶ୍ରୀ ଘୋଷିତ ୧୧ଟି ବ୍ଲକ୍‌ର ୧୫ଟି ବିଦ୍ୟାଳୟରୁ ୯୦୦ଜଣ ଛାତ୍ରୀଛାତ୍ର ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ମହିଳା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଗୁଣପୁର,୬।୩ (ସୁଜାତା ପାଢ଼ୀ/ସଂକେତ ପାତ୍ର)**

ରାୟଗଡ଼ା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳା ସ୍ୱାସ୍ଥ୍ୟ: ସର୍ଭାଇକାଲ କ୍ୟାନ୍‌ସର ପ୍ରତିରୋଧ ଏବଂ ଏଚ୍‌ପିଭି ଟିକାକରଣର ଭୂମିକା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍‌ର କିମ୍ସ ହସ୍ପିଟାଲର ବିଶିଷ୍ଟ ଚିକିତ୍ସକ ଡା. ଡି. ହର୍ଷଭଲ୍ଲୀ ଏବଂ ଡା. ୱାଇ. ଭି. ଏଲ୍. ଭବାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ଭାଇକାଲ କ୍ୟାନ୍‌ସର ସମ୍ପର୍କିତ ସଚେତନତା, ଏଚ୍‌ପିଭି ଟିକାକରଣର ଗୁରୁତ୍ୱ, ମାସିକ ସ୍ୱାସ୍ଥ୍ୟ, ପୋଷଣ, ମାନସିକ ସ୍ୱାସ୍ଥ୍ୟ ଓ ମହିଳାଙ୍କ ସାମଗ୍ରିକ ସୁସ୍ଥତା ବିଷୟରେ ତଥ୍ୟବହୁଳ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ କେ. ଏଲ୍. ବିଶ୍ୱବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଓ ନିର୍ଦ୍ଦେଶକ ପ୍ରଫେସର ଡ. ଜି. ଏଲ୍. ଦତ୍ତ, ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହା ନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏଏନ୍‌ଭିଜେ ରାଓ ଯୋଗଦେଇଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଂଯୋଜକା ଡ. ରାଜେଶ୍ୱରୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ସହ ସଂଯୋଜକା ନିତ୍ୟା ବି. ଧନ୍ୟବାଦ ଅର୍ପଣ କରିଥିଲେ। କୃଷି ମହାବିଦ୍ୟାଳୟର ୪ର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ସଂସ୍କୃତି ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ନର୍ସିଂ ଅଧ୍ୟକ୍ଷା ଟି. ଜୟଶ୍ରୀ, ବେସିକ ସାଇନ୍ସର ମୁଖ୍ୟ ପ୍ରତିଭା କରଙ୍କ ସମେତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ପ୍ଲାଷ୍ଟିକ୍ ପାଇପ୍ ଗଦାରେ ନିଆଁ


ପାଇପ ଗଦାରେ ନିଆଁ ଲାଗି ଜଳୁଛି।

**ଚନ୍ଦ୍ରପୁର,୬।୩ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକରେ ମେଗା ପାଇପ ଜଳ ଯୋଗାଣ ପାଇଁ ଇନ୍‌ଫ୍ରା କମ୍ପାନୀ ପକ୍ଷରୁ ଢେପ ସାହିରେ ଥିବା ଡାକ ବଙ୍ଗଳା ନିକଟରେ ପ୍ଲାଷ୍ଟିକ୍ ପାଇପ ଗଦା କରି ରଖାଯାଇଥିଲା। ସେଠାରୁ ବିଭିନ୍ନ ଗ୍ରାମକୁ ପାଇପ୍ ନେଇ ଗାତ ଖୋଳି ବିଛା ଯାଉଥିଲା। କୌଣସି କାରଣରୁ ଶୁକ୍ରବାର ଅଚାନକ ପାଇପ ଗଦାରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳିବାରେ ଲାଗିଲା । ଜୋରରେ ନିଆଁ ଜଳୁଥିବା ଦେଖି ସାହି ବାସିନ୍ଦା ଅଗ୍ନିଶମ ବାହୀନିକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ପ୍ରଖର ଥିବାରୁ ଲିଭାଇବାରେ ଅଣାୟତ୍ତ ହୋଇପଡ଼ିଥିଲେ। ସାଙ୍ଗେ ସାଙ୍ଗେ ଗୁଡାରି, ମୁନିଗୁଡା ଅଗ୍ନିଶମ ବାହିନୀ ଖବର ଦେବାରୁ ସେମାନେ ଘଟଣାସ୍ଥଳକୁ ଆସି ନିଆଁ ଲିଭାଇଥିଲେ। ଲକ୍ଷାଧିକ ଟଙ୍କାର ପାଇପ୍ ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି ।

# ଗୁରୁଜନଙ୍କ ଆଜ୍ଞାଧୀନ, ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ

**ମୁନିଗୁଡ଼ା,୬।୩ (ନନ୍ଦ କିଶୋର ପଟ୍ଟନାୟକ)**

**ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ମୁନିଗୁଡ଼ାର ଅନୁସୂଚିତ ଜାତି ଜନଜାତି ବିଭାଗ ପରିଚାଳିତ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସାହୁଙ୍କ ସଭାପତିତ୍ୱ ଏବଂ ବରିଷ୍ଠ ଶିକ୍ଷକ ପତିତପାବନ ଜେନା ଓ ସହକାରୀ ଶିକ୍ଷୟିତ୍ରୀ ଅନୁପମା ବେହେରାଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଶ୍ୟାମଘନ ଭୂୟାଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡୁକା,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସାମାଜିକ କର୍ମୀ ରାମଚନ୍ଦ୍ର ବେହେରା, ଗୌରାଙ୍ଗ ଚରଣ ରାଉତ, ଏବିଓ ସୁବାସ ସିଂ,ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ହୃଷୀକେଶ ଜାଲି, ରାଜନେତା ଜଗନ୍ନାଥ ନୁଣ୍ଡୁକା, ମୁନିଖୋଲ ଆଶ୍ରମ ପ୍ରଧାନ ଶିକ୍ଷକ ଗୋବିନ୍ଦ ଶବର, ରାଇବିଜ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ସାହୁ ବିଦ୍ୟାଳୟର ଅସୁବିଧା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୈନନ୍ଦିନ ଜୀବନରେ ପିତାମାତା, ଗୁରୁ ଗୁରୁଜନଙ୍କ ଆଜ୍ଞାଧୀନ ହେବା ସହିତ ସମୟାନୁବର୍ତ୍ତିତା, ସ୍ୱପ୍ନ ସାର୍ଥକ କରିବା ପାଇଁ ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରିବା, ନିଜକୁ ଶ୍ରେଷ୍ଠ କରି ଗଢ଼ିବା ପାଇଁ ପ୍ରୟାସ ଜାରି ରଖିବା ସହ ରାଷ୍ଟ୍ର ନିର୍ମାଣରେ ଶ୍ରେଷ୍ଠ ଯୋଗଦାନ ଦେବାକୁ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନେ ପ୍ରମାଣପତ୍ର, ଟ୍ରଫି ଓ ଉପହାର ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମାବର୍ତ୍ତନ ଉତ୍ସବ

**ଗୁଣପୁର,୬।୩ (ସୁଜାତା ପାଢ଼ୀ)**

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ସମାବର୍ତ୍ତନ ଉତ୍ସବ (୧୦ମ ଶ୍ରେଣୀ ପିଲାଙ୍କ ବିଦାୟକାଳୀନ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ତଥା ପ୍ରାନ୍ତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତରର ଶୈକ୍ଷିକ ସଂଯୋଜକ ଏବଂ କ୍ଷେତ୍ରର ସଂସ୍କୃତିବୋଧ ପରିଯୋଜନା ସଂଯୋଜକ କୈଳାଶ ଚନ୍ଦ୍ର ମିଶ୍ର ଯୋଗଦେଇ ଶିଶୁଙ୍କୁ ଉଚ୍ଚ ଶିକ୍ଷା ଗ୍ରହଣ, ସମାଜରେ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ କ'ଣ ସେ ବିଷୟରେ ବୁଝାଇଥିଲେ। ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ସମାବର୍ତ୍ତନ ଉତ୍ସବର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ସଂଯୁକ୍ତା ନାୟକ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁ ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ଉପ ସଭାପତି ମୋହନ ଚନ୍ଦ୍ର ସହୁ ଆଶୀର୍ବଚନ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୋମନାଥ ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂକୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ଓ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ମୀନକେତନ ପଣ୍ଡା କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

# ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା

**ମୁନିଗୁଡ଼ା,୬।୩ (ନନ୍ଦ କିଶୋର ପଟ୍ଟନାୟକ)**

**ମୁନିଗୁଡ଼ା ପ୍ରେସ୍ କ୍ଲବ୍‌ର ୨୦ତମ ବାର୍ଷିକ ଉତ୍ସବ**

ମୁନିଗୁଡ଼ା ପ୍ରେସ୍ କ୍ଲବ୍‌ର ୨୦ତମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ରାଜୀବ ଲୋଚନ ଦାସଙ୍କ ସଭାପତିତ୍ୱ ଏବଂ ଉପ ସଭାପତି ମନୋରଞ୍ଜନ ଦଳାଇ ଓ ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ମୁଖ୍ୟବକ୍ତା ରାୟଗଡ଼ା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଉତ୍କଳ ସାମ୍ବାଦିକ ସଂଘ ରାୟଗଡ଼ା ଜିଲା ସଭାପତି ସୁରେଶ ଦାସ, ଜଗତ୍‌ସିଂହପୁର ଜିଲା ସଭାପତି ମନୋଜ ଦାଶ, ବାଲେଶ୍ୱର ଜିଲା ସଭାପତି ଲୋକନାଥ ଦଳେଇ, ମୁନଗୁଡ଼ା ପ୍ରେସ୍ କ୍ଲବ୍ ବରିଷ୍ଠ ଉପଦେଷ୍ଟା ରାମଚନ୍ଦ୍ର ବେହେରା,ରାୟଗଡ଼ା ଜିଲା ସାମ୍ବାଦିକ ଅମୂଲ୍ୟରତ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବଂଗତ ସାମ୍ବାଦିକ ନିରଞ୍ଜନ ସାହୁ, ଜିଲା ସମ୍ପାଦକ ରାଜୀବ ଲୋଚନ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ସାମ୍ପ୍ରତିକ ପରିସ୍ଥିତିରେ ସାମ୍ବାଦିକଙ୍କ ଗୁରୁତ୍ୱ ଓ ସାମାଜିକ ଭୂମିକା ଏବଂ ସାମ୍ବାଦିକଙ୍କ ଦୀର୍ଘଦିନର ଦାବିଗୁଡ଼ିକୁ ରାଜ୍ୟ ସରକାର ଶୀଘ୍ର ପୂରଣ କରିବା ଦରକାର ବୋଲି ମତ ଦେଇଥିଲେ। ଏହି ଅବସରରେ ପ୍ରେସ୍ କ୍ଲବ୍ ତରଫରୁ ଜଗତ୍‌ସିଂହପୁରରୁ ଆସିଥିବା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାସ ଓ ବାଲେଶ୍ୱରରୁ ଆସିଥିବା ଦଳେଇଙ୍କ ସହ ପ୍ରେସ୍ କ୍ଲବ୍‌ର ଉଦୀୟମାନ ସାମ୍ବାଦିକ କୈଳାସ ଲାବଲା ଓ ସୁଦୀପ୍ତ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମହିଳା ସ୍ୱୟଂ ସହାୟିକା ଅମ୍ବିକା ନାୟକ, ରୂପାବତୀ ନାଲା ଓ ନାରୀନେତ୍ରୀ ସୁଶୀଳା ସରାପଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍ କୋଷାଧ୍ୟକ୍ଷ ନରେଶ ପାତ୍ର, ସୀମାଞ୍ଚଳ ପଣ୍ଡା,ଗଣେଶ ପାତ୍ର,ଲାଡି ଶଙ୍କର ରାଓ,ସନାତନ ନାୟକ,ଧନୁ କୁଶୁଲିଆ, ହାଡ଼ିପା ଗୌଡ଼ଙ୍କ ସମେତ ବିଷମକଟକ, ଚନ୍ଦ୍ରପୁର, ଅମ୍ବାଦଳା ଆଦି ବ୍ଲକ୍‌ର ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ, ବନ୍ୟ ସମ୍ପଦ ନଷ୍ଟ କରନ୍ତୁ ନାହିଁ

**ଜଙ୍ଗଲ ନିଆଁ ନିବାରଣ ସଚେତନତା ଶୋଭାଯାତ୍ରା**

**ମୁନିଗୁଡ଼ା,୬।୩ (ନନ୍ଦ କିଶୋର ପଟ୍ଟନାୟକ)**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ମୁନିଗୁଡ଼ା ବନାଞ୍ଚଳ, ରାୟଗଡ଼ା ବନଖଣ୍ଡ ତରଫରୁ ଜଙ୍ଗଲ ନିଆଁର ପ୍ରତିରୋଧ ଓ ପ୍ରତିକାର ନିମନ୍ତେ ସଚେତନତା ଶେଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ଫରେଷ୍ଟ ରେଞ୍ଜର ପ୍ରବୀଣ ଦାସଙ୍କ ତତ୍ତ୍ୱାବଧାନରେ ଏବଂ ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀ ଓ ବନରକ୍ଷୀ ରୋନିତ ମହାରଣାଙ୍କ ମିଳିତ ସଂଯୋଜନାରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଆଇଏଫ୍‌ଏସ୍ ପୂଜା ମୀନା, ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରୁ ବାହାରି ନୂତନ ବସ୍‌ଷ୍ଟାଣ୍ଡ ଓ ପରେ ସହର ପରିକ୍ରମା କରି ଫରେଷ୍ଟ ବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ଶତାଧିକ ଏସ୍‌ଏଚ୍‌ଜି ମହିଳା, ଫାୟାର ସ୍କ୍ୱାଡ୍, ୱାଇଲ୍‌ଡ ଲାଇଫ ସ୍କ୍ୱାଡ୍ ଓ ମୁନିଗୁଡାର ଯୁବଗୋଷ୍ଠୀ ରମେଶ ଗୌଡ଼, ରାକେଶ ଶିକା, ନରେନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ, ଜଙ୍ଗଲ ସମ୍ପଦ ନଷ୍ଟ କରନ୍ତୁ ନାହିଁ, ଜଙ୍ଗଲରେ ନିଆଁ ଲଗାଇବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି କହି ଲୋକଙ୍କୁ ସଚେତନ କରିଥିଲେ। ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଅମ୍ବାଦଳା ଫରେଷ୍ଟର ମାଝୀ ମହାପାତ୍ର, ଚନ୍ଦ୍ରପୁର ଫରେଷ୍ଟର ଅଶ୍ୱିନୀ କରକରିଆ, ବିଷମକଟକ ଫରେଷ୍ଟର ହେମା ବେହେରା,ଡାଙ୍ଗସୋରଡ଼ା ଫରେଷ୍ଟର ସୁଜାତା ସୁନାମୁହି, ଦୁର୍ଗୀ ଫରେଷ୍ଟର ଶୁଭସ୍ମିତା ନାୟକ, ଅହଲ୍ୟା ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।



ବନ ବିଭାଗ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ସଂକ୍ଷେପରେ

### ୯ରୁ ୧୩ ପର୍ଯ୍ୟନ୍ତ ୫ମ, ୮ମ ବୋର୍ଡ ପରୀକ୍ଷା

ନବରଙ୍ଗପୁର,୬।୩(ସଦାଶିବ ପ୍ରହରାଜ)

ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ରାଜ୍ୟରେ ୫ମ ଓ ୮ମ ବୋର୍ଡ ପରୀକ୍ଷା ହେବ । ଏନେଇ ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ୬ ଓ ୭ ତାରିଖ ଦିନ ମୌଖିକ ପରୀକ୍ଷା ପରେ ୭ରୁ ୧୩ ତାରିଖ ପର୍ଯ୍ୟନ୍ତ ବାର୍ଷିକ ଲିଖିତ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ଦେବେ ଛାତ୍ରୀଛାତ୍ର। ଏନେଇ ସକାଳ ୭ରୁ ୯ଟା ମଧ୍ୟରେ ପରୀକ୍ଷା ହେବ। ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନ ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ ପରେ ଜିଲା ନୋଡାଲ ସେଣ୍ଟରରୁ ୧୦ ବ୍ଲକରେ ଥିବା ନୋଡାଲ ସେଣ୍ଟରକୁ ପ୍ରଶ୍ନ ପତ୍ର ପହଞ୍ଚି ସାରିଛି। ପରୀକ୍ଷା ଦିନ ବ୍ଲକ ନୋଡାଲ ସେଣ୍ଟରରୁ ଜିଲାର ୧୫୧ କ୍ଲଷ୍ଟର ସେଣ୍ଟରରେ ପ୍ରଶ୍ନ ପତ୍ର ପହଞ୍ଚିବ ଓ ପରେ ବିଦ୍ୟାଳୟମାନଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ୫ମ ଶ୍ରେଣୀରେ ୨୫୦୩୫ ଓ ୮ମ ଶ୍ରେଣୀର ୨୫୩୯୦ ମୋଟ ୫୦ ହଜାର ୪୨୫ ଛାତ୍ରୀ ଛାତ୍ର ବୋର୍ଡ ପରୀକ୍ଷା ଦେବେ। ମାଟ୍ରିକ ପରୀକ୍ଷା ଭଳି କଡ଼ା ସୁରକ୍ଷା ମାଧ୍ୟମରେ ପରୀକ୍ଷା କେନ୍ଦ୍ରମାନଙ୍କରେ ପୋଲିସ ମୁତୟନ ରହିବେ। ବ୍ଲକ ସ୍ତରରେ ୩ଜଣ ଲେଖାଏ ସ୍କ୍ୱାର୍ଡ ଓ ଜିଲାସ୍ତରରୁ ୨ଜଣ ଲେଖାଏ ସ୍କ୍ୱାର୍ଡ ଟପରୀକ୍ଷା କେନ୍ଦ୍ର ବୁଲି ଯାଞ୍ଚ କରିବେ ବୋଲି ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

### ବାଲ୍ୟବିବାହ ରୋକିଲା ପ୍ରଶାସନ

ପାପଡ଼ାହାଣ୍ଡି, ୬।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ବାରିଗୁଡ଼ାକନ୍ଧଗୁଡାରେ ଚାଲିଥିବା ଏକ ବାଲ୍ୟ ବିବାହକୁ ଶୁକ୍ରବାର ପ୍ରଶାସନ ରୋକିଛି। ଉଭୟ କନ୍ୟା ଓ ବରଙ୍କ ଅଭିଭାବକଙ୍କୁ ଡକାଇ ସଚେତନ କରାଇଥିଲା। ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ ନ କରିବା ଲାଗି ତାଗିଦ କରାଯିବା ସହ ଏକ ପତ୍ରରେ ସ୍ୱାକ୍ଷର କରାଇଥିଲେ। ସୂଚନା ପ୍ରକାରେ ବାରିଗୁଡ଼ା କନ୍ଧଗୁଡାର ଯୁବକଙ୍କ ସହ ଭାଟିକୋଟ ନୂଆଗୁଡ଼ାର ନାବାଳିକା ସହ ଶୁକ୍ରବାର ସନ୍ଧ୍ୟାରେ ବିବାହ ହେବାର ଥିଲା। ଜିଲା ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ପିଇଓ ନରସିଂହ ଭତରା, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ, ସୁପରଭାଇଜର ପରବିନ ବେଗମ, ୱାର୍ଡ ସଭ୍ୟ ଲକ୍ଷ୍ମଣ ସାନ୍ତା ପ୍ରମୁଖ କନ୍ଧଗୁଡ଼ାରେ ପହଞ୍ଚିଥିଲେ। ଝିଅ ନାବାଳିକା ଥିବାରୁ ବିବାହ କରାଇଲେ ଆଇନ ଅନୁଯାୟୀ ଦଣ୍ଡ ପାଇବାକୁ ହେବ ବୋଲି କହିଥିଲେ। ଏହାପରେ ଉଭୟ ଅଭିଭାବକଙ୍କର ସ୍ୱାକ୍ଷର ପତ୍ର ନେଇଥିଲେ।

### ରାସ୍ତାକଡ଼ରେ ଗୁରୁତରଙ୍କ ଚିକିତ୍ସାକଲେ ସ୍ୱାସ୍ଥ୍ୟକର୍ମୀ

ଚନ୍ଦାହାଣ୍ଡି, ୬।୩ (ହିମାଂଶୁ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରୁ ରାଇଘର ବାଇକ୍ ଯୋଗେ ନିଜ ସମ୍ପର୍କୀୟଙ୍କ ଘରକୁ ଯାଉଥିବାବେଳେ ଛାୟାରାଣୀ ମଣ୍ଡଳ ନାମକ ଜଣେ ମହିଳା ଚଚରା ଘାଟିରେ ବେହୋସ୍ ହୋଇ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ତାଲିମ ନେବାକୁ ଯାଉଥିବା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶରଧାପୁର ସିଏଚ୍ଓ ନାରାୟଣ ବାଘ, ସ୍ୱାସ୍ଥ୍ୟକର୍ମୀ ଅନ୍ତର୍ଯ୍ୟାମୀ ବାଘ, ସିଏଚ୍ଓ ପୁରୁଷୋତ୍ତମ ସୁନା ଓ ବିଡିଏମ ରୁଦ୍ର କୋଲଥିଆ ନବରଙ୍ଗପୁର ଯାଉଥିବାବେଳେ ସେମାନେ ଅଟକି ଥିଲେ। ସ୍ୱାସ୍ଥ୍ୟକର୍ମୀମାନେ ଛାୟାରାଣୀଙ୍କୁ ଉଦ୍ଧାର କରି ସେଠାରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ଆମ୍ବୁଲାନ୍ସ ଡକାଇ ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

### ପ୍ରଥମ ଦିନରେ ୧୨ ଜଣଙ୍କୁ ଏଚ୍‌ପିଭି ଟିକା

ପାପଡ଼ାହାଣ୍ଡି, ୬।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ ହୋଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଏଚ୍‌ପିଭି ଟିକାକରଣର ଉଦଘାଟନ କରିଥିଲେ। ଏହି ଟିକା କିଭଳି ସମସ୍ତ ୧୪ ରୁ ୧୫ ବର୍ଷର ବାଳିକାମାନଙ୍କୁ ଦିଆଯାଇପାରିବ ସେ ସମ୍ବନ୍ଧରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ କପିଳଦେବ ସାହୁ ଜଣାଇଥିଲେ ଯେ ସରକାର ୪୦୦୦ ଟଙ୍କାର ଟୀକା ବିନାମୂଲ୍ୟରେ ପ୍ରଦାନ କରୁଛନ୍ତି। ଯାହାର ସୁଯୋଗ ସମସ୍ତେ ନେବା ଉଚିତ। ଡଃ ମନସ୍ୱିତା ମହାନ୍ତି ଏଚ୍‌ପିଭି ଟୀକାକରଣ କିପରି ଏହି ଏଚ୍‌ପିଭି ଭୂତାଣୁ ଜନିତ ଜରାୟୁ ଗ୍ରୀବା କର୍କଟ ରୋଗକୁ ପ୍ରତିରୋଧ କରିପାରି ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ୧୨ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିଲା।

# ସମସ୍ତଙ୍କ ସହଯୋଗରେ ସୁସ୍ଥ ଗାଁ ସୁସ୍ଥ ଜିଲା ଗଠନ ଲକ୍ଷ୍ୟ

## ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ନବରଙ୍ଗପୁର,୬।୩(ସଦାଶିବ ପ୍ରହରାଜ)



ବିଧାୟକ ଓ ଜିଲାପାଳ ଜଣଙ୍କୁ ସମ୍ମାନିତ କରୁଛନ୍ତି।

ନବରଙ୍ଗପୁରସ୍ଥିତ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି, ଜିଲାପାଳ ମହେଶ୍ୱର ସ୍ୱାଇଁ ସମ୍ମାନୀତ ଅତିଥି ଏବଂ ଅନ୍ୟ ଅତିଥିଭାବେ ସିଡିଏମ୍ଓ ଡା ମଳୟ ପ୍ରଧାନ, ଏଡିପିଏଚ୍ଓ ଡ ମଳୟ ତ୍ରିପାଠୀ, ଡ ସୁକାନ୍ତ ଶତପଥୀ, ଡିଇଓ ଛତ୍ରପତି ସାହୁ, ଡିଏସ୍‌ଡବ୍ଲ୍ୟୁ ଓ ଦ୍ରୌପଦୀ କହଁର, ଡିପିଏମ (ଏନ୍‌ଏଚଏମ) ଶଙ୍କର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମସ୍ତରରେ କାର୍ଯ୍ୟରତ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତିଙ୍କ ସହଭାଗିତାରେ ସୁସ୍ଥ ଗାଁ ସୁସ୍ଥ ଜିଲା ଗଠନ ଲକ୍ଷ୍ୟ ରଖାଯାଇଥିବା ଅତିଥିମାନେ କହିଛନ୍ତି। ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହଯୋଗ କରୁଥିବା ଆଶାକର୍ମୀଙ୍କ ପରିଶ୍ରମ ଓ ନିଷ୍ଠାକୁ ବିଧାୟକ ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ସମସ୍ତଙ୍କ ସହଭାଗିତାକୁ ଗୁରୁତ୍ୱ ଦେଇଥିଲେ। ଜିଲାରେ ଶତ ପ୍ରତିଶତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ ଉପରେ ଗୁରୁତ୍ୱ ଦେବାକୁ ଆଶାକର୍ମୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ସମସ୍ତେ ବାଲ୍ୟ ବିବାହକୁ ନିରୁତ୍ସାହିତ କରିବା ଓ ଏହା ଯେଭଳି ସମୁଳେ ଲୋପ ପାଇବ ତା ଉପରେ ସମସ୍ତେ ଚେଷ୍ଟା କରିବାକୁ ଜିଲାପାଳ କହିଥିଲେ। ଜିଲାରେ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବାଯୋଗାଇବା, ପୋଷଣ, ସ୍ୱଚ୍ଛତା ଅଭ୍ୟାସ, ସୁରକ୍ଷିତ ଆନୁଷ୍ଠାନିକ ପ୍ରସବ, ଟୀକାକରଣ, ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ପ୍ରତିରୋଧ, ବିଭିନ୍ନ ସ୍ୱାସ୍ଥ୍ୟସମ୍ବନ୍ଧୀୟ ପ୍ରଚାର, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁଧାର, ଗ୍ରାମ୍ୟ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତି, ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସଫଳ ରୂପାୟନ ଏବଂ ସହଭାଗିତା ଦ୍ୱାରା ଆଜି ଗ୍ରାମ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଛି। ଜିଲାରେ ୩ ଲକ୍ଷ ୧୫ ହଜାର ପରିବାର ପାଇଁ ବର୍ତ୍ତମାନ ୨୦୬୮ ଜଣ ଆଶା, ୮ ଜଣ ଆଶା ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତି ଅଛନ୍ତି। ଜିଲାର ୮୬୮ଟି ଗାଁ କଲ୍ୟାଣ ସମିତି ଓ ୨୮୯ ଟି ଜନ ଆରୋଗ୍ୟ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରାଯାଉଛି। ଏହି ଅବସରରେ ୧୦ ଜଣ ଶ୍ରେଷ୍ଠ ଆଶାଙ୍କୁ ସ୍ୱାସ୍ଥ୍ୟ ସେବା ସମ୍ମାନ, ୪୦ ଜଣଙ୍କୁ ବ୍ଲକସ୍ତରୀୟ ଶ୍ରେଷ୍ଠ ଆଶା, ୧୦ ଗାଁକୁ ସୁସ୍ଥ ଗାଁ, ୧୦ ଜନ ଆରୋଗ୍ୟ ସମିତି ଏବଂ ୯ ମହିଳା ଆରୋଗ୍ୟ ସମିତିକୁ ସମ୍ମାନୀତ କରାଯାଇଛି। ଏହା ସହିତ ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକର ସ୍ୱଚ୍ଛତା ଓ ସେବା ଗୁଣବତ୍ତାକୁ ଦୃଷ୍ଟିରେ ରଖି ୧୪୫ ସ୍ୱାସ୍ଥ୍ୟ ସଂସ୍ଥାକୁ କାୟକଳ୍ପ ପୁରସ୍କାର, ୪ ଟି ସ୍ୱାସ୍ଥ୍ୟ ସଂସ୍ଥାକୁ ଏନ୍‌କ୍ୟୁଏଏସ୍ ମାନ୍ୟତା, ୬୦ ଶିକ୍ଷା ଅନୁଷ୍ଠାନକୁ ତମାଖୁ ମୁକ୍ତ ଅନୁଷ୍ଠାନ ଭାବେ ସମ୍ମାନୀତ କରାଗଲା।

# ଜଳବନ୍ଦୀବାସୀଙ୍କ ପାଇଁ ମୋଟର ଲଞ୍ଚ

ତେନ୍ତୁଲିଖୁଣ୍ଟି, ୬।୩(ଚିଦାନନ୍ଦ ସାହୁ)

## ଜଳବନ୍ଦୀ ଅଞ୍ଚଳରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ନବରଙ୍ଗପୁର ଜିଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଶୁକ୍ରବାର ତେନ୍ତୁଲିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତର ଜଳ ବନ୍ଦୀ ଗ୍ରାମ ଗୁରୁମାଇଗୁଡ଼ା ଓ ଟାଙ୍ଗନିକୋଟ ପରିଦର୍ଶନ କରିଛନ୍ତି। ସେଠାରେ ଜିଲାପାଳ ଏକ ଜନ ଶୁଣାଣି କାର୍ଯ୍ୟକ୍ରମ କରିଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ, ଏମ୍‌ପି ପ୍ରତିନିଧି ସନ୍ତୋଷ ପାତ୍ର, ସ୍ଥାନୀୟ ସରପଞ୍ଚ ତ୍ରିପତି ମହାନ୍ତି, ତେନ୍ତୁଲିଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଉପସ୍ଥିତି ଥିଲେ। ଜିଲାପାଳ ବିଭିନ୍ନ ପ୍ରସଙ୍ଗରେ ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଡିଇଓ ଛତ୍ରପତି ସାହୁ, ବିଡିଓ ମନୋଜ ପାଣିଗ୍ରାହୀ, ବିପଣି ନିରୀକ୍ଷକ ରୋହିତ୍ ମାଝୀ, ବିଏସ୍‌ଏସ୍ଓ ରବୀନ୍ଦ୍ର ସାହୁ, ସହକାରୀ ଯନ୍ତ୍ରୀ ଗୋବିନ୍ଦ କହଁର, ରାସ୍ତା ଗୃହ ନିର୍ମାଣ କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ପାଢ଼ୀ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ପ୍ରତୀକ ରାଉତଙ୍କ ସହ ଆଲୋଚନା କରିଥିଲେ। ଗମନାଗମନ ସୁବିଧା ଦିଗରେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜଳବନ୍ଦୀ ଗ୍ରାମରେ ଖର୍ଚ୍ଚ ବାହାନାରେ ବିଦ୍ୟୁତିକରଣ ନ କରି ସୋଲାର ଲାଇଟ୍ ବ୍ୟବସ୍ଥାକୁ ନାପସନ୍ଦ କରିଥିଲେ। ଏଥିସହ ତୁରନ୍ତ ବିଦ୍ୟୁତିକରଣ ପାଇଁ କାର୍ଯ୍ୟ କରିବାକୁ କନିଷ୍ଠ ଯନ୍ତ୍ରୀ ଭରତ ତାଣ୍ଡିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ କହିଥିଲେ ଅତିଶୀଘ୍ର ୨୨ସିଟ୍ ବିଶିଷ୍ଟ ମୋଟର ଚଳିତ ଲଞ୍ଚ ଏହି ଜଳବନ୍ଦୀ ଅଞ୍ଚଳବାସୀଙ୍କୁ ଭେଟି ଦିଆଯିବ। ରାୟଗଡ଼ାକୁ ସଂଯୋଗ ହେବା ପାଇଁ ପ୍ରସ୍ତାବିତ ବ୍ରିଜ୍ ଅତିଶୀଘ୍ର ବାସ୍ତବ ରୂପ ନେବ ବୋଲି ବିଧାୟକ ଗୌରଶଙ୍କର ମାଝୀ କହିଥିଲେ। ଜଳବନ୍ଦୀ ଅଞ୍ଚଳ ତଳଙ୍ଗରେ ଝରଣା ଜଳକୁ ବିଶୋଧିତ କରି ଦିଆଯିବ। ଅନ୍ୟ ଅଞ୍ଚଳରେ ମଧ୍ୟ ବୋର୍‌ୱେଲ ପାଣି, ସୋଲାର ସିଷ୍ଟମ୍ ବ୍ୟବହାରକାରୀ ମେଗା ଜଳଯୋଗାଣ ପ୍ରକଳ୍ପ କାମ ଏଜେନ୍ସି ଦ୍ୱାରା କରାଯିବ। ଏବେ ବୋର୍‌ୱେଲ ଖୋଳା ହେଲାଣି ବୋଲି କୁହାଯାଇଛି। ଜନଶୁଣାଣି ପରେ ଜିଲାପାଳ ଓ ବିଧାୟକ ଅଙ୍ଗନୱାଡି ପିଲାଙ୍କ ସହ କିଛି ସମୟ ବିତାଇଥିଲେ।

# ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ତାଲିମ


ବୈଠକରେ ଅଧିକାରୀ, ତାଲିମାର୍ଥୀ, ତାଲିମଦାତା ଓ ଅନ୍ୟମାନେ।

ଡାବୁଗାଁ, ୬।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ତାଲିମ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକଭାବେ ସୁଧୀର କୁମାର ପ୍ରଧାନ ଓ ଅନୁରାଧା ବାରିକ ତାଲିମ ଦେଇଥିଲେ। ଦାରିଦ୍ର୍ୟ ମୁକ୍ତ, କ୍ଷୁଧା ମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟପନ୍ଥା, ଜଳ ଭିତରର ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି, ନ୍ୟାୟ, ଏବଂ ଦୃଢ଼ ପ୍ରତିଷ୍ଠାନ ଓ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଉପରେ ତାଲିମ ଦିଆଯାଇଥିଲା। ଏଥିରେ ବିଡିଓ ସମୀର କୁମାର ପାତ୍ର, ସିଡିପିଓ ମିନତୀ ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଶୁଭାଶିଷ ସାହୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଯୋଗାଣ ନିରିକ୍ଷକ ସିପ୍ରା ସାମଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ଦିବ୍ୟଶଙ୍କର ପୂଜାରୀ, ରୂପାଲୀ ମଣ୍ଡଳ ଓ କାମିନୀ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ‘ନିଶା ଏକ ବିଷ, ଏହାଠାରୁ ଦୂରେଇ ରହିବା’



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ପାପଡ଼ାହାଣ୍ଡି, ୬।୩ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ଆନୁକୂଲ୍ୟରେ ନିଶା ମୁକ୍ତ ଓଡିଶା, ନିଶା ମୁକ୍ତ ଭାରତର ସଂକଳ୍ପ ଅଭିଯାନ ଶୁକ୍ରବାର ଆରମ୍ଭ ହୋଇଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ପଟୁଆରରେ ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଡିଓ କପିଳଦେବ ସାହୁ, ଜିପିଓ କମଳେନ୍ଦୁ ଦାସ, ବିଏସ୍‌ଏସ୍ଓ ସୁବ୍ରତ କିସାନ, ପାପଡ଼ାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝୀ, ବିପିସି ଶଶିକାନ୍ତ ଦାସ, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖ ସାମିଲ ଥିଲେ। ଏମବିକେ କର୍ମୀ, ଗ୍ରାମବାସୀ ପ୍ରମୁଖ ଯୋଗଦେଇ ନିଶା ମୁକ୍ତ ଭାରତ ଗଠନ ପାଇଁ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ନିଶା ଏକ ବିଷ, ଯାହାକି ସମସ୍ତ ପରିବାର ଏବଂ ସମାଜକୁ ନଷ୍ଟ କରେ। ନିଶା ଦ୍ୱାରା ସ୍ୱାସ୍ଥ୍ୟ ହାନି ଓ ଆର୍ଥିକ ସଙ୍କଟ ଦେଖାଦିଏ। ସମାଜରେ ଅପରାଧ ବୃଦ୍ଧି ପାଇଥାଏ ବୋଲି ସମସ୍ତଙ୍କୁ ସଚେତନ କରାଯାଇଥିଲା। ସମାଜରେ ଏହାର କୁପରିଣାମ ବିଷୟରେ ଅନ୍ୟମାନଙ୍କୁ ସଚେତନ କରିବା, ନିଶାମୁକ୍ତ ଗାଁ ଓ ନିଶାମୁକ୍ତ ସହର ଗଠନରେ ସହଯୋଗ କରିବାକୁ ଆଲୋଚନା ହୋଇଥିଲା। ନିଶା ମୁକ୍ତ ଓଡିଶା, ନିଶା ମୁକ୍ତ ଭାରତ ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ। ଦୃଢ଼ ମନୋବଳ ରଖିବା , ଯୋଗ ଓ ପ୍ରାଣାୟାମ କରିବା ପାଇଁ ଉପସ୍ଥିତ ସମସ୍ତେ ଶପଥପାଠ କରିଥିଲେ।

### ‘ନୂଆ’ କାର୍ଯ୍ୟକ୍ରମରେ ଦକ୍ଷତା ତାଲିମ, ପୋଷାକ ବଣ୍ଟନ

ନବରଙ୍ଗପୁର,୬।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରଠାରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ‘ନୂତନ ଉନ୍ନତ ଅଭିଳାଷ’ (ନୂଆ) କାର୍ଯ୍ୟକ୍ରମ ଅଧୀନରେ ନୂତନ ତାଲିମ ତଥା ନିଯୁକ୍ତି କାର୍ଯ୍ୟକ୍ରମ ପାଇଁ ଶୁକ୍ରବାର ଏକ ଉଦ୍‌ଘାଟନୀ ତଥା ପୋଷାକ ବଣ୍ଟନ ସମାରୋହ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଜିଲାପାଳ ମହେଶ୍ୱର ସ୍ୱାଇଁ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଶତପ୍ରତିଶତ ଉପସ୍ଥାନ ସହିତ ତାଲିମ ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ଏକାଗ୍ରତାର ସହ ନୂଆ ଜିନିଷ ଶିଖିବାକୁ ଏବଂ ପରବର୍ତ୍ତୀ ସମୟରେ ଭଲ ଦରମାରେ ଚାକିରିରେ ଯୋଗଦେବାକୁ ଉତ୍ସାହିତ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଶିକ୍ଷାର୍ଥୀମାନଙ୍କୁ ୟୁନିଫର୍ମ ଓ ପାଠ୍ୟ ଉପକରଣ ଆଦି ପ୍ରଦାନ କରାଯାଇଥିଲା। ନବରଙ୍ଗପୁର ଜିଲା ଦକ୍ଷତା ବିକାଶ ତଥା ନିଯୁକ୍ତି ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇଙ୍କ ସୁଚନାନୁଯାୟୀ ଏହା ୫୦ ଦିନିଆ ଏକ ଆବାସିକ ତାଲିମ। ଯେଉଁଠାରେ ମୋଟ ୨୯ ଜଣ ପ୍ରଶିକ୍ଷାର୍ଥୀଙ୍କୁ ମାଗଣା ରହିବା ଓ ଖାଇବା ସୁବିଧା ଯୋଗାଇ ଦିଆଯିବ। ତାଲିମ ସମାପ୍ତ ହେବା ପରେ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ସୁଯୋଗ ମଧ୍ୟ ମିଳିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ, ସିଡିଓ ବିରଞ୍ଚିନାରାୟଣ ଦରୱାନ, ବି.କେ. କନ୍ଧପାଣି, ଡିଆଇପିଆର୍ଓ ମନୋଜ ବେହେରା, ଏସ୍‌ଡିଇଓ ଶୁଭମ ମହାପାତ୍ର ଉପସ୍ଥିତ ଥିଲେ।

# ସାଇବର ଥାନା ଉଦ୍‌ଘାଟିତ


ସାଇବର ଥାନା ଉଦ୍‌ଘାଟନ ଅବସରରେ ଅତିଥିମାନେ।

ନବରଙ୍ଗପୁର,୬।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଏହା ଉଦ୍‌ଘାଟିତ ହୋଇଛି। ଦିନକୁଦିନ ସାଇବର ସମ୍ପର୍କିତ ମାମଲା ବୃଦ୍ଧି ପାଉଥିବାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଏହି ସାଇବର ଥାନା ଉଦ୍‌ଘାଟନ କରାଯାଇଛି। ପୂର୍ବରୁ ବିଭିନ୍ନ ସମୟରେ ଘଟୁଥିବା ସାଇବର ଅପରାଧ ସମ୍ପର୍କିତ ମାମଲାଗୁଡିକ ସମ୍ପୃକ୍ତ ଅଞ୍ଚଳ ଥାନାଗୁଡ଼ିକରେ ଅଭିଯୋଗ ହେଉଥିଲା। ନୂତନ ଥାନା ଉଦ୍‌ଘାଟନ ହେବା ପରେ ଏବେ ଉକ୍ତ ଥାନାରେ ସେ ସବୁ ସାଇବର ମାମଲା ଅଭିଯୋଗ ହେବ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଜିଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ସମେତ ଅନେକ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ବଢ଼ିବ ମାଣ୍ଡିଆ ଚାହିଦା, ଅଧିକ ଚାଷ ପାଇଁ ଆଗ୍ରହ

ତେନ୍ତୁଲିଖୁଣ୍ଟି, ୬।୩(ଚିଦାନନ୍ଦ ସାହୁ)

## ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଉଦ୍‌ଘାଟନ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମାରେ ଥିବା ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ ଦିଆଯାଇଥିବା ମିଲେଟ ଶକ୍ତି ଟିଫିନ୍ ସେଣ୍ଟର୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରକଳ୍ପର ସ୍କିମ୍ ଅଫିସର ଲକି ରାଣୀ ଶତପଥୀ ଓ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ଲହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅନ୍ନ ଅଭିଯାନ ଜିଲା ସଂଯୋଜକ ମୃତ୍ୟୁଞ୍ଜୟ କନ୍ଦପାନ, ଅର୍ମାନ ପ୍ରସାଦ ମିଶ୍ର, ମିଶନ ଶକ୍ତିରୁ ରାହୁଲ ପ୍ରକାଶ ନିରଜ୍, ବ୍ଲକ୍ ସଂଯୋଜକ ନିଶାନ୍ତ ବିଷୋୟୀ, ବ୍ଲକ୍ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ସମେତ ମାଣ୍ଡିଆ ଚାଷୀ, ଅଗ୍ରଗାମୀ ଷ୍ଟାଫ୍ ଓ ମା ମଙ୍ଗଳା ଏସ୍‌ଏଚ୍‌ଜି ସଦସ୍ୟମାନେ ଯୋଗ ଦେଇଥିଲେ। ମାଣ୍ଡିଆ ଜନିତ ଖାଦ୍ୟ/ଟିଫିନ୍ ତିଆରି କରି ଏସ୍‌ଏଚ୍‌ଜି ମହିଳାମାନେ ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସ୍କିମ ଅଫିସର ଲକିରାଣୀ ଶତପଥୀ କହିଛନ୍ତି। ଏହାଦ୍ୱାରା ବ୍ଲକରେ ମାଣ୍ଡିଆର ଚାହିଦା ବଢିବା ସହିତ ଲୋକମାନେ ଆହୁରି ମାଣ୍ଡିଆ ଚାଷ ପ୍ରତି ଆଗ୍ରହୀ ହେବେ ବୋଲି ସେ କହିଛନ୍ତି। ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ସୁପ, ପକୁଡ଼ି, କାକରା, ଦହିବରା, ମାଣ୍ଡିଆ ଦୋଷା, ମିକ୍ସଚର, ଲଡୁ, ମାଣ୍ଡିଆ କେକ୍ ଆଦି ଖାଦ୍ୟର ସମସ୍ତେ ମଜା ନେଇଥିଲେ। ଏହି ଟିଫିନ୍ ସେଣ୍ଟର୍ ମାଧ୍ୟମରେ ଆଗାମୀ ଦିନରେ ମାଣ୍ଡିଆ ସହିତ ଅନ୍ୟ ମିଲେଟ୍ସର ଖାଦ୍ୟ ପ୍ରସ୍ତୁତି କରି ବ୍ଲକ୍‌ର ସମସ୍ତ ଲୋକଙ୍କୁ ଏହାର ଉପାଦେୟତା ବିଷୟରେ ସଚେତନ କରାଯିବ ବୋଲି କହିଛନ୍ତି ମା ମଙ୍ଗଳା ଏସ୍‌ଏଚ୍‌ଜିର ସଦସ୍ୟମାନେ କହିଛନ୍ତି।


ଅତିଥିମାନେ ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର୍ ଉଦ୍‌ଘାଟନ କରୁଛନ୍ତି।

# ଆଜି ମହିଳାଙ୍କୁ ଆତ୍ମରକ୍ଷା ତାଲିମ, ୮ରେ ମାରାଥନ


ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶୁକ୍ରବାର ଆୟୋଜିତ ଯୋଗାଭ୍ୟାସ ଶିବିରରେ ଉପସ୍ଥିତ ମହିଳାମାନେ।

ନବରଙ୍ଗପୁର, ୬।୩(ସଦାଶିବ ପ୍ରହରାଜ)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଗୁରୁବାର ଆୟୋଜତ ପ୍ରସ୍ତୁତି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାରଠାରୁ ସମସ୍ତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶୁକ୍ରବାର ସକାଳ ୮ଟାରେ ଆର୍‌ସିଡି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମହିଳାମାନଙ୍କ ପାଇଁ ଏକ ସାମୂହିକ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଅଧିକ ଛାତ୍ରୀ, ମିଶନ ଶକ୍ତି କର୍ମୀ, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ସଦସ୍ୟାମାନେ ଯୋଗ ଦେଇଥିଲେ। ଯୋଗାଭ୍ୟାସ ସମୟରେ ଛାତ୍ରୀମାନଙ୍କୁ ଯୋଗର ଗୁରୁତ୍ୱ ଏବଂ ଏହା କିପରି ସଶକ୍ତ ମହିଳା ଗଠନ କରିବାରେ ସହାୟକ ହୁଏ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଶନିବାର ୭ ମାର୍ଚ୍ଚରେ ମହିଳାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ସହ ୮ ମାର୍ଚ୍ଚରେ ମାରାଥନ କରାଯିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ମହିଳାମାନଙ୍କର ସ୍ୱାସ୍ଥ୍ୟ ଆତ୍ମନିର୍ଭରତା ଓ ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଲକ୍ଷ୍ୟ ରଖାଯାଇଛି।

ପ୍ରକାଶ ଯେ, ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲାରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ଏକ ପ୍ରସ୍ତୁତ ବୈଠକ ଗୁରୁବାର ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଅଧ୍ୟକ୍ଷତା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ୍ ଗାହାଣ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁପ୍ରିୟା ନାୟକ, ଜିଲା ପ୍ରୋଜେକ୍ଟ ଅଫିସର ଏନ୍‌ଏସ୍‌ଏସ୍ ବିନୋଦ ବିହାରୀ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ସେଠାରେ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ରକୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ କରାଯିବା ନେଇ ଆଲୋଚନା ହୋଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

■ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ରକୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳନ ଉଦ୍ଦେଶ୍ୟ

ଧରିତ୍ରୀ 52 Years
ଭୁବନେଶ୍ୱର, ଶନିବାର, ୭ ମାର୍ଚ୍ଚ, ୨୦୨୬

**ଗାଡ଼ି ଧକ୍କାରେ ଆହତ ବ୍ୟକ୍ତି ମୃତ**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁର ସଦର ଥାନା ଅଧୀନ ଗାଗନାପୁର ରାସ୍ତା ନିକଟରେ ଅଜଣା ଗାଡି ଧକ୍କାରେ ଆହତ ବ୍ୟକ୍ତିଙ୍କ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଚିକିତ୍ସାଳୟରେ ଶୁକ୍ରବାର ମୃତ୍ୟୁ ହୋଇଛି। ଫେବୃଆରୀ ୨୭ରେ ଜେଲ୍ ରୋଡ ନିବାସୀ ପିଙ୍କୁ ମାଝୀ ଘରକୁ ଫେରୁଥିବା ବେଳେ ଗାଗନାପୁର-ଡୁମୁରିପୁଟ ମଝି ରାସ୍ତାରେ ଏକ ଗାଡି ଧକ୍କା ହେବାରୁ ସେ ଆହତ ହୋଇଥିଲେ। ତାଙ୍କୁ ଜୟପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



## କଲଭର୍ଟ ତଳକୁ ବାଇକ୍ ଖସି ୨ ଗୁରୁତର

ନନ୍ଦପୁର,୬।୩(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମାସ୍ଥିତ ବୁଧବାର ସାପ୍ତାହିକ ହାଟର ମୋଡ଼ରେ ନିର୍ମାଣାଧୀନ ଡ୍ରେନ୍ ଓ କଲଭର୍ଟ ତଳକୁ ଏକ ବାଇକ୍ ଖସି ୨ ଗୁରୁତର ହୋଇଛନ୍ତି। ୨ ଗୁରୁତର ହେଲେ ବୈପାରିଗୁଡ଼ା ବ୍ଲକ୍ ମାଳିଗୁଡ଼ା ଗ୍ରାମର ବଳରାମ ମାଳି(୨୦) ଓ ତିଳକ ମାଳି(୨୨)। ସୂଚନାନୁଯାୟୀ, ଶୁକ୍ରବାର ବଳରାମ ଓ ତିଳକ ବାଇକ୍(ଓଡ଼ି୧୦-ୟୁ-୧୨୭୫) ଯୋଗେ ବନମାଳୀପୁଟ ଗ୍ରାମକୁ ବିବାହ ଭୋଜିରେ ସାମିଲହେବାକୁ ଯାଇ ସାତସମିଳି ଗ୍ରାମକୁ ସମ୍ପର୍କୀୟଙ୍କ ଘରକୁ ଫେରୁଥିବା ବେଳେ କଲଭର୍ଟ ତଳକୁ ଖସି ପଡ଼ିଥିଲେ। ଏଥିରେ ଉଭୟେ ଗୁରୁତର ହୋଇଥିଲେ। ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ଅବସ୍ଥା ଗୁରୁତର ଥିବାରୁ ବଳରାମ ଓ ତିଳକଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପରିବାର ଲୋକଙ୍କୁ ଖବରଦେବା ସହ ତଦନ୍ତ ଆରମ୍ଭ କରିଛି।

# କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କଲେ ପାରା ମେଡିକାଲ କର୍ମଚାରୀ

### ୯ ଯାଏ ଜାରି ରହିବ ଆନ୍ଦୋଳନ



ପାରା ମେଡିକାଲ କର୍ମଚାରୀମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

କୋରାପୁଟ,୬।୩(ଅମିତାଭ ବେହେରା)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ରେଜେଷ୍ଟ୍ରାରଙ୍କୁ ବଦଳି ଦାବି କରି ପୁଣି ପାରା ମେଡିକାଲ କର୍ମଚାରୀ ଆନ୍ଦୋଳନ କରିବା ସହ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ପାରା ମେଡିକାଲ କର୍ମଚାରୀମାନେ କଳା ବ୍ୟାଜ ପରିଧାନ କରି ୯ ତାରିଖ ଯାଏ ଆନ୍ଦୋଳନ ଜାରି ରଖି କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହା ସତ୍ତ୍ୱେ ରେଜିଷ୍ଟ୍ରାରଙ୍କ ବଦଳି ନ କଲେ ଆସନ୍ତା ୧୦ ଓ ୧୧ ତାରିଖରେ କଲେଜ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୧୨ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାନୁଯାୟୀ, ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ସମସ୍ତ ନର୍ସିଂ ଅଫିସର, ଲାବୋରଟରି ଟେକ୍ନିସିଆନ, ଫର୍ମାସୀ ଅଫିସର ଓ ରେଡିଓ ଗ୍ରାଫର ଆଦି କର୍ମଚାରୀମାନଙ୍କୁ ରେଜିଷ୍ଟ୍ରାର ମାନସିକ ଯନ୍ତ୍ରଣା ଦେବା, କାରଣ ଦର୍ଶାଅ ନୋଟିସ ପ୍ରଦାନ କରିବା, ବଦଳି କରିବା ଧମକ ଦେବା, ପୁରୁଣା ବେତନ ଟ୍ରେଜେରିରେ ଜମା କରିବା ପାଇଁ ଚିଠି ଦେବା, ଅଧୀକ୍ଷକଙ୍କ ଅଜାଣତରେ ସମସ୍ତ କାର୍ଯ୍ୟ କରିବା, ଅଫ ଦିନକୁ ବନ୍ଦ କରିବା ଆଦି ଅଭିଯୋଗ ଆଣିଥିଲେ। କର୍ମଚାରୀମାନେ ପୂର୍ବରୁ ବାରମ୍ବାର ଜିଲାପାଳ, ଅଧୀକ୍ଷକ ଓ ଡିନ୍ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫେବୃଆରୀ ୧୦ରୁ ୧୨ ଯାଏ ପାରା ମେଡିକାଲ କର୍ମଚାରୀମାନେ ହସ୍ପିଟାଲ ନିକଟରେ ପ୍ରତିବାଦ କରିଥିଲେ। ଗତମାସ ୧୩ ତାରିଖରେ ଉପଜିଲାପାଳ ପ୍ରେମଲାଲ ହିଆଲ, ହସ୍ପିଟାଲ ଅଧିକ୍ଷକ ଓ ଡିନ୍ ଦୀର୍ଘ ସମୟ ଧରି ଆଲୋଚନା କରି ସମୟ ମାଗିବା ପରେ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ।

## ଜଙ୍ଗଲରେ ନିଆଁ ଲାଗି ଗଛ ନଷ୍ଟ

ସୁନାବେଡା/ସେମିଳିଗୁଡ଼ା,୬।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଜଙ୍ଗଲରେ ଲାଗିଥିବା ନିଆଁ।

ସେମିଳିଗୁଡ଼ା ବନଖଣ୍ଡ ଅଧୀନ ଶୁଣ୍ଡି ପୁଙ୍ଗାର ପେଟ୍ରୋଲ ପମ୍ପ ପାଖ ସୀମାନ୍ତ କୋଟିଆ ହାରମାଣ୍ଡିଙ୍ଗ ନିକଟ ଆନ୍ଧ୍ର ଓଡ଼ିଶା ସୀମାନ୍ତ କଦମ ଗାଁ ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ନଷ୍ଟ ହୋଇଥିବା ଜଣାପଡିଛି। ଶୁଣ୍ଡି ପୁଙ୍ଗାର ଓ କଦମ ଗାଁ ଜଙ୍ଗଲରେ ନିଆଁର ପ୍ରଭାବ ପ୍ରଖର ରହିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଖବର ପାଇ ଜଙ୍ଗଲ ବିଭାଗ ପକ୍ଷରୁ ଫରେଷ୍ଟ ସ୍କ୍ୱାର୍ଡ, ପାରା ସ୍କ୍ୱାର୍ଡ ଓ ଫାୟାର ସ୍କ୍ୱାର୍ଡର ୨ ଟିମ୍ ମିଳିତ ଭାବେ ବିଭିନ୍ନ ଜ୍ଞାନ କୌଶଳ ଆପଣେଇ ନିଆଁକୁ ଆୟତ୍ତ କରିଥିବା ଓ ନିଆଁ ଲାଗିବା କାରଣ ଖୋଜୁଥିବା ସୂଚନା ମିଳିଛି।

## ପୌର ପରିଷଦ ସାଧାରଣ ବୈଠକ




ବୈଠକରେ ଉପସ୍ଥିତ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟମାନେ।

ଜୟପୁର, ୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପୌର ସଭାଗୃହରେ ପରିଷଦର ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜୟପୁର ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଢ୍ଡୀ, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ, ପୌର ଯନ୍ତ୍ରୀ ଅଜୟ ଜାନୀଙ୍କ ସହ କାଉନସିଲର ଓ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ରାସ୍ତାଘାଟ, ପାନୀୟ ଜଳ ଉପରେ ଆଲୋଚନା କରାଯାଇଛି। ଜୟପୁର ରାଜୁ ସାହିରେ ଜବରଦଖଲ କରି ଷ୍ଟଲ ନିର୍ମାଣ କରାଯାଇଛି। ଏହାକୁ ୭ ଦିନିଆ ନୋଟିସ କରି ଉଚ୍ଛେଦ କରିବାକୁ ନିଷ୍ପତ୍ତି ହୋଇଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟରୁ ମୁଖ୍ୟ ଟ୍ରାଫିକ ଛକ ଯାଏ ଜନଗହଳି ରହୁଥିବାରୁ ଚଲାପଥ ନିର୍ମାଣ କରାଯିବ ବୋଲି କୁହାଯାଇଛି। ପୌରାଞ୍ଚଳର ବିଦ୍ୟାଳୟ ମରାମତି କରିବା, ବହୁଦିନରୁ ତାଲା ପଡ଼ିଥିବା ପୌରପାଳିକା ଷ୍ଟଲକୁ ଅକ୍ତିଆରକୁ ଆଣିବା ନେଇ ଆଲୋଚନା ହୋଇଥିଲା।

## ମହିଳାଙ୍କ ମାନସିକ ସୁସ୍ଥତା ନେଇ ସାମୂହିକ ଯୋଗ



ମହିଳାମାନେ ଯୋଗ କରୁଛନ୍ତି।

କୋରାପୁଟ,୬।୩(ଅମିତାଭ ବେହେରା)

କୋରାପୁଟ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମାନସିକ ସୁସ୍ଥତା ନେଇ ସାମୂହିକ ଯୋଗ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡାଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କୋରାପୁଟ ମ୍ୟୁନିସିପାଲଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାନସିକ ସୁସ୍ଥତା ପାଇଁ ସାମୂହିକ ଯୋଗ ଶିବିର ଓ ଫିଟନେସ ତଥା ଶାରୀରିକ କାର୍ଯ୍ୟକଳାପ ନେଇ ମହିଳାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ସହ ବିଭିନ୍ନ ବର୍ଗର ମହିଳା ଓ କୋରାପୁଟସ୍ଥିତ ଖେଲୋ ଇଣ୍ଡିଆ କେନ୍ଦ୍ର କୋଚମାନେ ଯୋଗଦେଇଥିଲେ।

# ୪ ଜଳାଶୟର ପୁନରୁଦ୍ଧାର ଦାବି

ନନ୍ଦପୁର,୬।୩(ତୁଷାରକାନ୍ତ ମହାନ୍ତି)




କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାରେ ୪ ଜଳାଶୟ ପାତ୍ରବନ୍ଧ, ଦେଉଳବନ୍ଧ, ଷ୍ଟେଶନ ବନ୍ଧ ଓ କରଣବନ୍ଧ (ହାଟପଦା) ପୋତିହୋଇ ଶୁଖିଲା ପଡ଼ି ଗୋରୁ ମଇଁଷିଙ୍କ ଚରାଭୂଇଁ ପାଲଟିଛି। ଏହାକୁ ପୁନରୁଦ୍ଧାର କରିବାକୁ ଦାବି ହୋଇଛି। ସମସ୍ତ ଜଳାଶୟର ଆଡ଼ିବନ୍ଧ ଜବରଦଖଲକାରୀଙ୍କ କବ୍ଜାରେ ରହିଛି। ପଞ୍ଚାୟତର ସ୍ଥାୟୀ ସମ୍ପତ୍ତି ଭାବେ ବିବେଚିତ ୪ ଜଳାଶୟ ଥିଲେ ସୁଦ୍ଧା ପଞ୍ଚାୟତ, ବ୍ଲକ୍ ଓ ଜିଲା ପ୍ରଶାସନ ଏହାର ପୁନରୁଦ୍ଧାର କରିବାକୁ ଉପେକ୍ଷା କରୁଛନ୍ତି। ସମସ୍ତ ଜଳାଶୟରୁ ଜବରଦଖଲ ଉଚ୍ଛେଦକରି ଏହାର ପୁନରୁଦ୍ଧାରକରି ଦେବନୀତି ଓ ଲୋକଙ୍କ ବ୍ୟବହାର ଉପଯୋଗୀ କରିବାକୁ ଦାବି ହୋଇଛି।

ନନ୍ଦପୁରର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ପ୍ରଥମବର୍ଷ ଠାକୁରଙ୍କ ଚନ୍ଦନଯାତ୍ରାରେ ଚାପଖେଳ ବିଧି ପାଇଁ ଖୋଳାଯାଇଥିବା ପାତ୍ରବନ୍ଧ ବର୍ତ୍ତମାନ ଅଣଦେଖା ଯୋଗୁ ପୋତି ହୋଇରହିଛି। ପାତ୍ରବନ୍ଧର ପୁନରୁଦ୍ଧାର ନେଇ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଏହି ପାତ୍ରବନ୍ଧ ଖାତା ନଂ. ୧୨୮ର ପ୍ଲଟ୍ ନଂ. ୧୧୦ରେ ୬୫ ସେଣ୍ଟ ବନ୍ଧ ଏବଂ ପ୍ଲଟ୍ ନଂ. ୧୦୯ ଓ ୧୧୧ରେ ୬୭ସେଣ୍ଟରେ ଆଡ଼ିବନ୍ଧ ମୋଟ ୧ ଏକର ୩୨ସେଣ୍ଟ ଜମି ରହିଛି। ଜଗନ୍ନାଥ ମନ୍ଦିର ଓ ଦେବୋତ୍ତର ବିଭାଗ ଅଧୀନରେ ଥିଲେ ମଧ୍ୟ ଜମିକୁ ଚିହ୍ନଟକରି ସୁରକ୍ଷିତ ରଖିବାକୁ ଚେଷ୍ଟା କରାଯାଉନାହିଁ। ସେହିପରି ଷ୍ଟେଶନ ବନ୍ଧ ଖାତା ନଂ. ୧୨୮ର ପ୍ଲଟ୍ ନଂ. ୭୫, ୭୬ ଓ ୭୭ ମୋଟ ୪୮ ସେଣ୍ଟ ଜମିରେ ରହିଛି। ୧୧୦୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ସ୍ଥାନୀୟ ସର୍ବେଶ୍ୱର ମନ୍ଦିର ପାଇଁ ଥିବା ଦେଉଳ ବନ୍ଧ ଖାତା ନଂ. ୧୨୮ ପ୍ଲଟ୍ ନଂ. ୩୧୩, ୩୧୪ ଓ ୩୧୫ ମୋଟ ୧ ଏକର ୪୭ ସେଣ୍ଟ ଜମିରେ ଥିଲେ ମଧ୍ୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ଅଳ୍ପ ଜମି ଚିହ୍ନଟକରି ସେଥିରେ ନାମକୁ ମାତ୍ର ଅଳ୍ପ କିଛି ମରାମତି କରି ଛାଡ଼ି ଦେଇଛନ୍ତି। ଆଡ଼ିବନ୍ଧ ଜବରଦଖଲକାରୀଙ୍କ କବ୍ଜାରେ ରହିଛି। ନନ୍ଦପୁର କରଣବନ୍ଧ ପ୍ଲଟ୍ ନଂ. ୫୫, ୫୬ ଓ ୫୭ର ମୋଟ ୭୭ ସେଣ୍ଟ ଜମିରେ ଥିବା ଉଦ୍ଦିଷ୍ଟ ଥିଲେ ସୁଦ୍ଧା ବର୍ତ୍ତମାନ ଅଣଦେଖା ଯୋଗୁ ଶୁଖିଲା ପଡ଼ିଛି। ୪ ପାର୍ଶ୍ୱର ଆଡ଼ିବନ୍ଧ ମଧ୍ୟରୁ ୨ ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍ଜାରେ ରହିଛି। କେତେକ ଜବରଦଖଲକାରୀ ଏହି ଜାଗାରେ ଗୃହ ନିର୍ମାଣକରି ବର୍ଜ୍ୟଜଳ, ମଳ ଜଳାଶୟ ମଧ୍ୟକୁ ଛାଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ପ୍ରଶାସନ ନୀରବତା ଅବଲମ୍ବନ କରୁଥିବା କହିଛନ୍ତି। ନନ୍ଦପୁର ଅଞ୍ଚଳର ଭୂତଳ ଜଳସ୍ତର କମୁଥିବାରୁ ଏହି ଜଳାଶୟଗୁଡ଼ିକର ପୁନରୁଦ୍ଧାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିଯୋଗୁ ଠାକୁରଙ୍କ ନୀତିକାନ୍ତି ହେବା ସହ ପଞ୍ଚାୟତର ସ୍ଥାୟୀ ସମ୍ପତ୍ତି ଓ ମତ୍ସ୍ୟଚାଷରୁ ଆୟବୃଦ୍ଧି ହେବ ବୋଲି କହିଛନ୍ତି। ପଞ୍ଚାୟତ, ବ୍ଲକ୍ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ କରାଯାଇଛି।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ଦାବିପତ୍ର ଦେବାକୁ ଆସିଥିବା ଆଦିବାସୀ ଜାଗରଣ ସଂଘର ସଦସ୍ୟମାନେ।

ଜୟପୁର,୬।୩(ପବନ ପାଣିଗ୍ରାହୀ)

ଦେଶ ସ୍ୱାଧୀନ ପାଇଁ ଅବିଭକ୍ତ କୋରାପୁଟ ଜିଲାର ତେନ୍ତୁଳିଗୁମ୍ମା ଗ୍ରାମର ଶହୀଦ ଲକ୍ଷ୍ମଣ ନାୟକ ଦେଶ ପାଇଁ ଜୀବନ ଦେଇଥିଲେ। ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ବୋରିଗୁମ୍ମା ଟ୍ରାଫିକ ଛକ ନିକଟରେ ସ୍ଥାପନା କରିବାକୁ ସରକାର ଅନୁମତି ଦେବାକୁ ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବି କରାଯାଇ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ପନିପରିବା ବଜାର ମଣ୍ଡି ପାଇଁ ଅନୁମତି ଦେବାକୁ ଆଦିବାସୀ ଜାଗରଣ ସଂଘ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ଜାଗରଣ ସଂଘ ସଦସ୍ୟମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବୋରିଗୁମ୍ମା ବ୍ଲକର ଆଦିବାସୀମାନେ ପନିପରିବା ଚାଷ କରି ଜୀବିକା ଉପାର୍ଜନ କରନ୍ତି। କିନ୍ତୁ ଚାଷୀମାନେ ଠିକ ଦରରେ ପନିପରିବା ବିକ୍ରି ବିକ୍ରି କରିପାରୁ ନ ଥିବା କହିଛନ୍ତି। ବ୍ୟବସାୟୀମାନେ କମ୍ ଦରରେ ଚାଷୀଙ୍କଠାରୁ ପନିପରିବା କିଣି ଚଢ଼ା ଦରରେ ବିକ୍ରି କରୁଥିବାରୁ ଚାଷୀମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରୁ ନାହାନ୍ତି। ମଣ୍ଡି କରି ଚାଷୀଙ୍କଠାରୁ ଠିକ୍ ଦରରେ କିଣିବା ଓ ଖାଉଟିଙ୍କୁ ସୁଲଭ ମୂଲ୍ୟରେ ବିକ୍ରି କରିବା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଆଦିବାସୀଙ୍କ ଜମି ଉପରେ ବଜାର ମଣ୍ଡି କରି ପଟା କରିବାକୁ ପ୍ରଶାସନ ଅନୁମତି ଦେବାକୁ ଆଇନ ପରାମର୍ଶଦାତା ହରିଶ୍ଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ସଂଘ ସଭାପତି ସତ୍ୟନାରାୟଣ ନାୟକ ଓ ଉପସଭାପତି କମ୍ପୁଲୁ ଜାନୀ ପ୍ରମୁଖ ଦାବି କରିଛନ୍ତି।

## ଅବସର ଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ ପାଇଲେ ୨ ଶିକ୍ଷୟିତ୍ରୀ



ଜୟପୁର,୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ କୁନ୍ଦାରିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁପ୍ରଭା ପାଢ଼ି ଓ ନୁଆଗୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ କଳ୍ପନା ପଣ୍ଡାଙ୍କ ଅବସର ପୂର୍ବରୁ ସରକାର ପୂର୍ଣ୍ଣାଙ୍ଗ ପେନ୍‌ସନ୍ ମଞ୍ଜୁର କରିଥିଲେ। ଫେବୃଆରୀ ୨୮ରେ ୨ ଶିକ୍ଷୟିତ୍ରୀ ଅବସର ନେଇଥିଲେ। ସରକାରଙ୍କ ଆଦେଶ ମୁତାବକ ଅବସର ନେବା ଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ କରିବା ନିୟମ ଶତ ପ୍ରତିଶତ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହୋଇଥିବାରୁ ୨ ଶିକ୍ଷୟିତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୨ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ ମଞ୍ଜୁର ଆଦେଶ ଦିଆଯିବା ସହ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ମୁଖ୍ୟ ଅତିଥି ଜୟପୁରୁ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢ଼ି ଓ ବରିଷ୍ଠ ସହାୟକ ଶଶୀଭୂଷଣ ଦାଶ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସଭାପତି ଦେବିପ୍ରସାଦ ଦାଶ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଉପସଭାପତି ମମତା ମହାପାତ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲେଇ, ବରିଷ୍ଠ ଶିକ୍ଷକ ଜଗନ୍ନାଥ ମିଶ୍ର ଉପସ୍ଥିତ ଥିଲେ। ମନୋରଞ୍ଜନ ପଲେଇ ଧନ୍ୟବାଦ ଦେଇଥିଲେ।

# ଶିବିରରେ ୩୦୨ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ନନ୍ଦପୁର,୬।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ୨୩ ପଞ୍ଚାୟତର ୩୦୨ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବିଡିଓ ଦୁର୍ଗାପ୍ରସାଦ ଦୋରା, ସିଡିପିଓ ମିନତିବାଳା ପଟ୍ଟନାୟକ, ଜିପିଡିଓ ଦେବେନ୍ଦ୍ର ମାଝୀ, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ବିଧାୟକ ପ୍ରତିନିଧି କାମେସ କାମୁଡି, ଭାଜପା ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ, ଭାଜପା ନେତା ଏସ୍.କେ ଗପ୍ପୁର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ନାର୍ସୁଲ କାମୁଡି ପ୍ରମୁଖ ଶିବିର ଉଦଘାଟନ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୋଡାଲ ଅଫିସର ଡା. ଶିବ ସାଇସ୍ୱରୂପ, ଡା.ଅଭିଷେକ ବେହେରା, ଡା. ସଲାମ ମଲ୍ଲିକ ଓ ଅନ୍ୟ ଡାକ୍ତରମାନେ ଓଏଚ ବିଭାଗର ୧୯୫, ଏଚ୍‌ଏଚ୍ ବିଭାଗର ୩୯, ଏମଆର ୧୪, ଭିଏଚ ୨୯, ଏସସି ବିଭାଗର ୨୫ଜଣ ମୋଟ ୩୦୨ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କ ନାମ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ପୋର୍ଟାଲରେ ପଞ୍ଜୀକୃତ କରାଯାଇଛି। ସମସ୍ତଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ଓ ସହାୟତା ଉପକରଣ ପ୍ରଦାନ କରାଯିବ। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ନାଗରାଜୁ ଆଚାରି, ଡିଇଓ ଚିନ୍ମୟ ଦାସ ଶିବିର ପରିଚାଳନା କରିଥିଲେ।

## ସିବିଆଇ ତଦନ୍ତ ଦାବି କଲେ ବିଧାୟକ

ଜୟପୁର, ୬।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଜଗନ୍ନାଥ ସାଗରରେ ଦୁର୍ନୀତି ହୋଇଥିବା ବିଜେଡି କରିଥିବା ଅଭିଯୋଗକୁ ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ଟାର୍ଗେଟ କରିଛନ୍ତି। ବିଜେଡି ଅମଳରେ ଦୁର୍ନୀତି ହୋଇଥିବା ସେ କହିଛନ୍ତି। ବିଜେଡି ଦାବି କରୁଥିବା ଭିଜିଲାନ୍ସ ବଦଳରେ ସିବିଆଇ ତଦନ୍ତ କରାଇବାକୁ ବିଧାୟକ ବାହିନୀପତି ଆହ୍ୱାନ ଦେଇଛନ୍ତି। ଜଗନ୍ନାଥ ସାଗର କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିବା ପଛରେ ବିଜେଡିର ମନ୍ଦ ଉଦ୍ଦେଶ୍ୟ ରହିଛି। ପୌରପାଳିକାର ୧୫ ବିଜେଡି କାଉନସିଲର ଓ ଉପାଧ୍ୟକ୍ଷ ମଧ୍ୟ ରହିଛନ୍ତି। ଜଣେ ୨ ଜଣଙ୍କ ବ୍ୟତୀତ ଅନ୍ୟ କେହି ଅଭିଯୋଗ କରି ନ ଥିବା ବିଧାୟକ କହିଛନ୍ତି। ଏସ୍‌ଏଚଜି ଗ୍ରୁପକୁ କାମ ଦେବା ପାଇଁ ପୂର୍ବତନ ବିଜେଡି ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାକୁ ବିଧାୟକ ବାହିନୀପତି ବିରୋଧ କରିଥିଲେ। ବିଜେଡି ନେତାମାନେ ଟେଣ୍ଡର କରିବାକୁ ମନା କରିଥିଲେ। ଜୟପୁର ସହର ସୌନ୍ଦର୍ଯ୍ୟକରଣ କରବାକୁ ଉଦ୍ୟମ ଆରମ୍ଭ ହୋଇଛି। ଭିଜିଲାନ୍ସ ତଦନ୍ତ ହେଲେ ରାଜ୍ୟ ସରକାର ଟଙ୍କା ଦେବେ ନାହିଁ। ଏଥିଯୋଗୁ ସୌନ୍ଦର୍ଯ୍ୟକରଣ ହୋଇପାରିବ ନାହିଁ ଓ କାମ ହୋଇପାରିବ ନାହିଁ ବୋଲି ବିଧାୟକ ବାହିନୀପତି କହିଛନ୍ତି।

## ବିବେକାନନ୍ଦ ଇଂଲିଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

କୁନ୍ଦୁରା,୬।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଡାକ୍ତର ନୀଳାଦ୍ରି ନାଥ ଦାଶ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବନିତା କାନ୍ଦଲିଆ,ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଡିଆ, ସରପଞ୍ଚ ଲବ ପରଜା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅନୁଷ୍ଠାନ ଏକ ଭଡା ଘରେ ଚାଲିଥିବା ବେଳେ ଅଭିଭାବକଙ୍କ ପକ୍ଷରୁ ସ୍ଥାନ ସହ ପାଣି ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଏହାକୁ ନେଇ ବିଧାୟକ ଜାଗା ଚିହ୍ନଟ ପରେ ପରେ ପାଣି ପ୍ରଦାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ବିଧାୟକ ଏକ ଆକ୍ୱାଗାର୍ଡ ପ୍ରଦାନ କରିଛନ୍ତି। ମୁଖ୍ୟବକ୍ତା ସଂସ୍କୃତ ଭାଷାର ସୁଦୃଢ଼ ବ୍ୟାକରଣ ସଂରଚନା ଭାରତୀୟମାନଙ୍କ ପାଇଁ ଇଂଲିଶ ଭାଷା ବ୍ୟବହାରରେ ନିର୍ଭୁଲ ଓ ସହଜ ହେଉଥିବା କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ତେଜସ୍ୱିନୀ ଦେବତା, ପୁନମ ତପନ, ସତ୍ୟସାଇ ପ୍ରଧାନ, ଜଳଦୀପ ସଗରିଆ ଓ ଦୀପ୍ତି ରାୟ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ବିକାଶରୁ ଦୂରରେ କୁମାରଗୁଡ଼ା ଗାଁ

### ଗାଁକୁ ନାହିଁ ଭଲ ରାସ୍ତା, ପାନୀୟ ଜଳ ସୁବିଧା

ସୁନାବେଡ଼ା/ସେମିଳିଗୁଡ଼ା,୬।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଶୁଖିଲା ପଡ଼ିଥିବା ପାଣିପୋଷ୍ଟ।

କୋରାପୁଟ ଜିଲାରେ କିଛି ବର୍ଷ ବ୍ୟବଧାନରେ ଜିଲାପାଳ ବଦଳୁଛନ୍ତି, କିନ୍ତୁ ସେମିଳିଗୁଡ଼ା ବ୍ଲକ୍ ଅଧୀନ ଚାରାଙ୍ଗୁଲ ପଞ୍ଚାୟତ କୁମାରଗୁଡ଼ା ଗାଁର ସମସ୍ୟା ସମାଧାନ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ଡମ, କୁମ୍ଭାର ଓ ଆଦିବାସୀ ୩ ସାହିରେ ୧୫୦ ଘରେ ୭ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗାଁରେ ପିଇବାପାଣି ଯୋଗାଣ ପାଇଁ ବସୁଧା ଯୋଜନାରେ ପାଇପ ବିଛାଯାଇ ଅନେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ଲଗାଯାଇଛି। କିନ୍ତୁ ଦୀର୍ଘବର୍ଷ ହେବ ପାଣିପୋଷ୍ଟ ଶୁଖିଲା ପଡ଼ିଛି। ଏଯାଏ କଳରେ ପାଣି ଟୋପାଏ ଆସି ପାରୁନାହିଁ। ଗାଁରେ ଥିବା ୩ ନଳକୂପ ଉପରେ ଲୋକେ ନିର୍ଭର କରୁଥିବା ବେଳେ ୨ରୁ ଗୋଳିଆପାଣି ବାହାରୁଛି। ଏଥିପାଇଁ ଗୋଟିଏ ନଳକୂପରେ ଲୋକଙ୍କ ଲମ୍ବା ଧାଡ଼ି ଲାଗୁଛି, ସେଥିରୁ ମଧ୍ୟ ଅଳ୍ପ ପାଣି ବାହାରି ଆଉ ବାହାରୁ ନ ଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ଗାଁଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଦୂରତା ମାତ୍ର ୧ କି.ମି. ଥିବା ବେଳେ ନାଲ୍‌କୋ କାରଖାନାର ଦୂରତା ମାତ୍ର ୨ କି.ମି.। ଗାଁରେ ବିକାଶ ଶୂନ ବୋଲି ଅଭିଯୋଗ କରାଯାଇଛି। ନାଲ୍‌କୋ କାରଖାନାରୁ ନିର୍ଗତ କଷ୍ଟିକ୍ ସୋଡ଼ା ମିଶା ପାଣି ଗାଁର ଚାଷଜମି, କୂଅ ଓ ପୋଖରୀକୁ ପ୍ରଭାବିତ କରୁଥିବା ଅଭିଯୋଗ କରାଯାଇଛି। ପାଣି ଟୋପାଏ ପାଇଁ ଗ୍ରାମର ମହିଳାମାନଙ୍କୁ ଅନେକ ଦୂର ଚାଲି ଚାଲି ଯିବାକୁ ପଡ଼େ। ଗାଁକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସୁଫଳ ମିଳୁ ନ ଥିବା ଗାଁର ସୁଦାମ କୁଲଦୀପ, ଭୀମ ଭୋଇ, ପ୍ରତାପ କୁଲଦୀପ, ସନିଆ ଭୋଇ, କୁଲୁ କୁଲଦୀପ, ଭଗତରାମ ଖରା, ଅମିତ ଭୋଇ, ମାଧବ ଭୋଇ, ସଦନ ଖରା, ଦୁର୍ଜ ଖରା, କୁଶ କୁଲଦୀପ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ଗାଁକୁ ଲାଗିଥିବା ଲଣ୍ଡା ପାହାଡ଼ରୁ ବର୍ଷାଦିନରେ ପାଣି ଗାଁ ଭିତରେ ପଶି ବନ୍ୟାର ଭ୍ରମ ସୃଷ୍ଟିକରେ। ଏହାକୁ ରୋକିବାକୁ ଏକ ଗାର୍ଡ ୱାଲର ଆବଶ୍ୟକତା ରହିଛି। ଗାଁରେ ହାତଗଣତି କେତୋଟି ଘର ବ୍ୟତୀତ ଅଧିକାଂଶ କଚାଘର ରହିଛି। ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ପୁରୁଣା ଅସୁରକ୍ଷିତ ଘରେ ଚାଲୁଛି। ପିଲାଙ୍କ ପାଇଁ ଶୌଚାଳୟ ଥିଲେ ମଧ୍ୟ ପାଣି ସୁବିଧା ନ ଥିବା, ସ୍କୁଲ ଘରେ ଥିବା ଶୌଚାଳୟରେ ମଧ୍ୟ ପାଣି ସୁବିଧା ନ ଥିବା ସେମାନେ କହିଛନ୍ତି। ଜିଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡ଼ା ବିଡିଓ ଯସ୍ମିନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କଲ୍ ଗ୍ରହଣ କରି ନ ଥିଲେ। ଏ ନେଇ କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଗାଁର ସମସ୍ୟା ନିଶ୍ଚିତ ଭାବେ ସମାଧାନ କରାଯିବ ବୋଲି ସେ କହିଛନ୍ତି।

